# NATIONAL NEWS BULLETIN (ODIA)
## 02nd June - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଭାରତୀୟ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ 'ଉଡ଼ାନ୍' ଯୋଜନାର ସଫଳତା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ।

— ଅନ୍ତର୍ଜାତୀୟ ବିମାନ ପରିବହନ ସଂଘର ୮୧ତମ ସାଧାରଣ ବାର୍ଷିକ ବୈଠକରେ କହିଲେ ପ୍ରଧାନମନ୍ତ୍ରୀ ।

- ଭାରତ ଓ ପାରାଗୁଏ ମଧ୍ୟରେ ଗ୍ରୀନ୍ ହାଇଡ୍ରୋଜେନ, ଜୈବଇନ୍ଧନ ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ନେଇ ହେଲା ନିଷ୍ପତ୍ତି ।

- ପ୍ୟାରିସ୍‌ଠାରେ ବିଶ୍ୱ ବାଣିଜ୍ୟ ସଙ୍ଗଠନର ମନ୍ତ୍ରୀସ୍ତରୀୟ ବୈଠକରେ ଆସନ୍ତାକାଲି ଯୋଗଦେବେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ।

- ଆସାମରେ ବନ୍ୟା ପରିସ୍ଥିତି ଗୁରୁତର; ମୃତ୍ୟୁସଂଖ୍ୟା ୧୦କୁ ବୃଦ୍ଧି ।

ଏବଂ

- ଆଇ.ପି.ଏଲ୍. ଟି-୨୦ କ୍ରିକେଟ୍ ଟାଇଟଲ୍ ହାସଲ ପାଇଁ ଆସନ୍ତାକାଲି ପଞ୍ଜାବ କିଙ୍ଗ୍ସ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅନୁଷ୍ଠିତ ହେବ ଫାଇନାଲ୍ ମ୍ୟାଚ୍ ।

## ପି.ଏମ୍. - ଆଇ.ଏ.ଟି.ଏ.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବିଶ୍ୱ ବିମାନ ପରିବହନ ଶିଳ୍ପ କ୍ଷେତ୍ରରେ ଭାରତର ବେସାମରିକ ଉଡ଼ାଣ କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏକ୍ଷେତ୍ରରେ ଭାରତ ଆଜି ଆତ୍ମନିର୍ଭରଶୀଳତା ପ୍ରତିପାଦିତ କରିପାରିଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ - ଆଇ.ଏ.ଟି.ଏ.ର ୮୧ତମ ବାର୍ଷିକ ସାଧାରଣ ବୈଠକରେ ଯୋଗଦେଇ ଶ୍ରୀ ମୋଦି ଏହା କହିଛନ୍ତି । ସେ କହିଛନ୍ତି, ବିଶ୍ୱ ମହାକାଶ-ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଭାରତ ଆଜି ନେତୃତ୍ୱ ନେଇପାରିଛି । ଭାରତୀୟ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ 'ଉଡ଼ାନ୍' ଯୋଜନାର ସଫଳତା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ଶ୍ରୀ ମୋଦି କହିଛନ୍ତି । ସମ୍ପ୍ରତି ଭାରତରେ ବିଶ୍ୱର ତୃତୀୟ ବୃହତ୍ତମ ଘରୋଇ ବେସାମରିକ ବିମାନ ଚଳାଚଳ ବଜାର ରହିଛି ବୋଲି ସେ ସୂଚନା ଦେଇଛନ୍ତି । ବିଶ୍ୱ ବେସାମରିକ ବିମାନ ଚଳାଚଳ ଇକୋ ସିଷ୍ଟମ୍ କ୍ଷେତ୍ରରେ ଭାରତରେ କେବଳ

ଏକ ବୃହତ୍ ବଜାର ରହିଛି ତାହା ନୁହେଁ; ବରଂ ଭାରତ' ସମାବେଶୀ ବିକାଶ, ନବସୃଜନ ଏବଂ ନେତୃତ୍ୱର ପ୍ରତୀକ ହୋଇପାରିଛି ।

*Voice (PM Aviation)* :...........

ଏହି ଅବସରରେ ଯୋଗଦେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମ ମୋହନ ନାଇଡୁ କହିଛନ୍ତି, ଆସନ୍ତା ୫ ବର୍ଷ ମଧ୍ୟରେ ଦେଶରେ ଅଧିକ ୫୦ଟି ବିମାନ ବନ୍ଦରର ବିକାଶ ଲାଗି ସରକାର ପ୍ରତିବଦ୍ଧ । ୨୦୧୪ ମସିହା ବେଳକୁ ଦେଶରେ ମାତ୍ର ୭୪ଟି ବିମାନ ବନ୍ଦର ରହିଥିବାବେଳେ ଏବେ ଏହାର ସଂଖ୍ୟା ୩୩ଟି ଅନ୍ତର୍ଜାତୀୟ ବିମାନ ବନ୍ଦର ସହ ୧୬୨କୁ ବୃଦ୍ଧି ପାଇଛି ।

ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ - ଆଇ.ଏ.ଟି.ଏ.ର କାର୍ଯ୍ୟକ୍ରମ ଗତକାଲିଠାରୁ ଆରମ୍ଭ ହୋଇଥିବାବେଳେ ଆସନ୍ତାକାଲି ଏହା ଉଦ୍‌ଯାପିତ ହେବ । ସୂଚନାଯୋଗ୍ୟ, ଆଇ.ଏ.ଟି.ଏ.ର ଶେଷ ବାର୍ଷିକ ସାଧାରଣ ବୈଠକ ୪୨ ବର୍ଷ ପୂର୍ବରୁ ଗତ ୧୯୮୩ ମସିହାରେ ଅନୁଷ୍ଠିତ ହୋଇଥିଲା ।

## ପାରାଗୁଏ ପ୍ରେସିଡେଣ୍ଟ ଭିଜିଟ୍

ଭାରତ ଏବଂ ପାରାଗୁଏ' ସ୍ୱଚ୍ଛ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ ଏବଂ ଜୈବଇନ୍ଧନ ଭଳି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ନିଷ୍ପତ୍ତି

ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପରାଗୁଏ ରାଷ୍ଟ୍ରପତି ସାଣ୍ଟିଆଗୋ ପେନା ପାଲାସିଓସ୍‌ଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନାବେଳେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସାଇବର ଅପରାଧ, ଯୋଜନାବଦ୍ଧ ଅପରାଧ ଏବଂ ନିଶା ଚୋରାଚାଲାଣ ଆଦି ସମସ୍ୟାଗୁଡ଼ିକର ସମାଧାନ କରିବାପାଇଁ ଉଭୟ ରାଷ୍ଟ୍ର ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ସନ୍ତ୍ରାସବାଦ ବିରୋଧରେ ଉଭୟ ରାଷ୍ଟ୍ର ମିଳିତ ଭାବେ ସଂଗ୍ରାମ କରିବେ । ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, କୃଷି, ପ୍ରତିରକ୍ଷା, ରେଳବାଇ ଏବଂ ମହାକାଶ ବିଜ୍ଞାନ ଆଦି କ୍ଷେତ୍ରରେ ଉଭୟ ରାଷ୍ଟ୍ରର ଯଥେଷ୍ଟ ସାମର୍ଥ୍ୟ ରହିଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice*** :............

ପୂର୍ବରୁ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର’ ପାରାଗୁଏ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ଉଭୟ ଦେଶ ମଧ୍ୟରେ ସଂପର୍କ ଦୃଢ଼ କରିବା ନେଇ ସେ ଦେଇଥିବା ମନ୍ତବ୍ୟକୁ ପ୍ରଶଂସା କରିଛନ୍ତି । ଭାରତ ଏବଂ ପାରାଗୁଏ ମଧ୍ୟରେ ମିଳିତ କମିଶନ ପ୍ରକ୍ରିୟା ସ୍ଥାପନ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଶ୍ରୀ ପାଲାସିଓସ୍ ଭାରତକୁ ତିନିଦିନିଆ ଗସ୍ତରେ ଆସିଛନ୍ତି । ସେ ଆଜି ରାଜଘାଟଠାରେ ମହାତ୍ମାଗାନ୍ଧିଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପାରାଗୁଏ ରାଷ୍ଟ୍ରପତି’ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

ରାଷ୍ଟ୍ରପତି ପେନା ପାରାଗୁଏ ପ୍ରତ୍ୟାବର୍ତ୍ତନ ପୂର୍ବରୁ ମୁମ୍ବାଇ ଗସ୍ତ କରିବେ । ମୁମ୍ବାଇରେ ରାଜନୈତିକ ନେତାଙ୍କ ସମେତ ବ୍ୟବସାୟ ଏବଂ ଶିଳ୍ପ କ୍ଷେତ୍ରର ପ୍ରତିନିଧିମାନଙ୍କ ସହ ସେ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଗୋୟଲ ଫ୍ରାନ୍ସ ଭିଜିଟ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଆଜି ପ୍ୟାରିସଠାରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଭାରତୀୟ ବଜାରରେ ଭବିଷ୍ୟ ବିନିଯୋଗ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି । ବିଦ୍ୟୁତ୍‌ଚାଳିତ ଯାନ ଏବଂ ନବୀକରଣ ଶକ୍ତି କ୍ଷେତ୍ରରେ ବିନିଯୋଗ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ମନ୍ତ୍ରୀ ଶ୍ରୀ ଗୋୟଲ ଫ୍ରାନ୍ସକୁ ତିନିଦିନିଆ ଗସ୍ତରେ ଯାଇ ଆସନ୍ତାକାଲି ବିଶ୍ୱ ବାଣିଜ୍ୟ ସଙ୍ଗଠନର ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବେ । ଏହି ତିନିଦିନିଆ ଗସ୍ତକାଳରେ ଶ୍ରୀ ଗୋୟଲ ଅର୍ଥ ଓ ଶିଳ୍ପମନ୍ତ୍ରୀ ଏରିକ୍ ଲୋମ୍ବାର୍ଡ଼ ଏବଂ ଫ୍ରାନ୍ସର ବାଣିଜ୍ୟ ମନ୍ତ୍ରୀ ଲରେଣ୍ଟ ସେଣ୍ଟ୍ ମାର୍ଟିନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତ-

ଫ୍ରାନ୍ସ ଅର୍ଥନୈତିକ ଭାଗିଦାରୀକୁ ସୁଦୃଢ଼ କରିବା ଏବଂ ବାଣିଜ୍ୟ ଓ ବିନିଯୋଗ ସହଯୋଗ କ୍ଷେତ୍ରକୁ ବ୍ୟାପକ କରିବା କ୍ଷେତ୍ରରେ ମୁଖ୍ୟତଃ ପ୍ରାଧାନ୍ୟ ଦିଆଯିବ । ଭାରତ-ଫ୍ରାନ୍ସ ବ୍ୟାବସାୟିକ ଗୋଲ୍‌ଟେବୁଲ୍ ଏବଂ ଭାରତ-ଫ୍ରାନ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବୈଠକରେ ଉଭୟ ଦେଶର ଶିଳ୍ପ ଅଂଶୀଦାରମାନଙ୍କ ସହ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ଆସାମ - ଫ୍ଲଡ୍

ଆସାମରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ରହିଛି । ରାଜ୍ୟର ବିଭିନ୍ନ ସ୍ଥାନରେ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧିପାଉଛି । ୧୭ଟି ଜିଲ୍ଲାରେ ୭୫୮ଟି ଗ୍ରାମର ପ୍ରାୟ ୪ ଲକ୍ଷ ଲୋକ ବନ୍ୟାଦ୍ୱାରା ପ୍ରଭାବିତ ହୋଇଛନ୍ତି । ସେହିପରି ପ୍ରାୟ ୩ ହଜାର ୫ ଶହ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି । ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୧୦କୁ ବୃଦ୍ଧି ପାଇଛି । ରାଜ୍ୟ ସରକାର ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକର ଲୋକମାନଙ୍କୁ ୫୨ଟି ରିଲିଫ୍ ଶିବିର ଏବଂ ୧୦୩ଟି ରିଲିଫ୍ ବଣ୍ଟନକେନ୍ଦ୍ର ଜରିଆରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବାର ବ୍ୟବସ୍ଥା କରିଛନ୍ତି । ସେହିପରି ଏସ୍.ଡି.ଆର୍.ଏଫ୍. ଦଳ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା

ଆଜି ଲଖିମ୍‌ପୁର ଜିଲ୍ଲା ଗସ୍ତ କରି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଶ୍ରୀ ବିଶ୍ୱଶର୍ମା ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାଲାଗି ପ୍ରତିଶ୍ରୁତି ଦେଇଛନ୍ତି । ଲଖିମ୍‌ପୁରଠାରେ ରାଙ୍ଗାନାଡ଼ି ପାୱାର ପ୍ଲାଣ୍ଟର ନିପ୍‌କୋ ଅଧିକାରୀମାନଙ୍କ ସହ ଆଲୋଚନା କରି ଶ୍ରୀ ବିଶ୍ୱଶର୍ମା ବନ୍ୟା କ୍ଷୟକ୍ଷତିର ଆକଳନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## କୋଲ୍ ପ୍ରଡକ୍ସନ୍

ଭାରତର କୋଇଲା ଉତ୍ପାଦନ ଏବଂ ପ୍ରେରଣରେ ଗତବର୍ଷ ତୁଳନାରେ ଚଳିତ ମଇ ମାସରେ ମନ୍ଥର ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ଦେଶରେ ମୋଟାମୋଟି କୋଇଲା ଉତ୍ପାଦନ ଚଳିତ ମଇ ମାସ ମଧ୍ୟରେ ୮୬ ଦଶମିକ ୨/୪ ମେଟ୍ରିକ୍ ଟନ୍ ରହିଛି, ଯାହାକି ଗତବର୍ଷ ଏହି ସମୟ ମଧ୍ୟରେ ଏହାର ପରିମାଣ ୮୩ ଦଶମିକ ୯/୬ ମେଟ୍ରିକ୍ ଟନ୍ ରହିଥିଲା । ଗତମାସରେ ବାଣିଜ୍ୟିକ ଖଣିଗୁଡ଼ିକରୁ କୋଇଲା ଉତ୍ପାଦନ ୧୬ ଦଶମିକ ୯/୩ ମେଟ୍ରିକ୍ ଟନ୍ ଥିବାବେଳେ ଗତବର୍ଷ ଏହି ସମୟ ମଧ୍ୟରେ ଏହାର ପରିମାଣ ୧୩ ଦଶମିକ ୮/୩ ମେଟ୍ରିକ୍ ଟନ୍ ଥିଲା । ଇତିମଧ୍ୟରେ ମଇ ୩୧ ତାରିଖ ସୁଦ୍ଧା,

କୋଇଲା କମ୍ପାନୀଗୁଡ଼ିକରେ କୋଇଲା ଗଚ୍ଛିତ ପରିମାଣରେ ୨୯ ଦଶମିକ ୧/୮ ପ୍ରତିଶତ ବୃଦ୍ଧି ଘଟି ୧୨୨ ଦଶମିକ ୬/୯ ମେଟ୍ରିକ ଟନ୍ ହୋଇଥିବାବେଳେ ଗତବର୍ଷ ଏହି ସମୟ ମଧ୍ୟରେ ଏହାର ପରିମାଣ ୯୪ ଦଶମିକ ୯/୮ ମେଟ୍ରିକ୍ ଟନ୍ ରହିଥିଲା ।

## ବିହାର - ଶିବରାଜ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି କହିଛନ୍ତି, ଦେଶର କୃଷକମାନଙ୍କ ସମୃଦ୍ଧିକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଖାଦ୍ୟ ନିରାପତ୍ତା ବଜାୟ ରଖିବାକୁ କେନ୍ଦ୍ର ସରକାର ଦୃଢ଼ ପ୍ରତିଶ୍ରୁତିବଦ୍ଧ । ବିହାରର ମୋତିହାରିସ୍ଥିତ ପିପାରକୋଠ କୃଷି ବିଜ୍ଞାନ କେନ୍ଦ୍ରଠାରେ ଚାଲିଥିବା ବିକଶିତ କୃଷି ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ଶ୍ରୀ ଚୌହା ଯୋଗଦେଇ କହିଛନ୍ତି, ଏହି ଅଭିଯାନ ପଞ୍ଚମ ଦିନରେ ପହଞ୍ଚିଛି । ଅଭିଯାନର ମୂଳଲକ୍ଷ୍ୟ ହେଉଛି, କୃଷକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଅତି ନିକଟରୁ ଅବଗତ କରାଇବା । କୃଷି ବୈଜ୍ଞାନିକ ଏବଂ ବିଶେଷଜ୍ଞମାନଙ୍କ ସହାୟତାରେ ବିକଶିତ କୃଷି ସଙ୍କଳ୍ପ ଅଭିଯାନ ମାଧ୍ୟମରେ କୃଷକମାନଙ୍କୁ ଜମିର ମାନ ସମ୍ପର୍କରେ ସୂଚନା ଏବଂ ମୃତ୍ତିକାର ଉର୍ବରତା

ନେଇ ପରୀକ୍ଷା କରାଇବା ଉପରେ ବିଶେଷ ଧ୍ୟାନ ଦିଆଯିବା ଉପରେ ଶ୍ରୀ ଚୌହାନ ଗୁରୁତ୍ୱ ପ୍ରଦାନ କରିଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡିଜିଟାଲ୍ ବାଣିଜ୍ୟରେ ଅସୁରକ୍ଷିତ ପରିସ୍ଥିତିରୁ ଗ୍ରାହକମାନଙ୍କୁ ସୁରକ୍ଷା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଖାଉଟି ଆଇନ, ଅଧିକାର ଏବଂ ସୁରକ୍ଷା କର୍ମୀ ତଥା ବିଶେଷଜ୍ଞ ପୁଷ୍ପା ଗରିମା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ-୨୦୨୫ ଟାଇଟଲ୍ ହାସଲ ପାଇଁ ଆସନ୍ତାକାଲି ପଞ୍ଜାବ କିଙ୍ଗ୍ସ୍ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ଠାର ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲିର ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ୍ ବିଜୟୀ ହୋଇ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଗତକାଲି ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟ୍‌ରେ ପରାସ୍ତ କରିଥିଲା ।

*****